# କୋଲକାତାରେ ସାହିତ୍ୟ ଏକାଡେମୀର ପୁସ୍ତକ ବିକ୍ରୟ କେନ୍ଦ୍ର ଓ ନବୀକୃତ ପ୍ରେକ୍ଷାଳୟ ଉଦଘାଟିତ



କୋଲକାତା। ୨୬(ବ୍ୟୁରୋ ରି :ପୋର୍ଟ- ସନାତନ ମହାକୁତ୍ର କେନ୍ଦ୍ର ସାହିତ୍ୟ ଏକାଡେମୀର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ନୂତନ ପୁସ୍ତକ ବିକ୍ରୟ କେନ୍ଦ୍ର ଏବଂ ନବୀକୃତ ପ୍ରେକ୍ଷାଳୟ ଉଦ୍ଘାଟିତ ହୋଇଯାଇଛି । ଏହାକୁ ଉଦ୍ଘାଟନ କରିଥିଲେ ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ଏବଂ ବଙ୍ଗଳା ଉପଦେଷ୍ଟା ପରିଷଦର ଆବାହକ ତଥା ପଶ୍ଚିମବଙ୍ଗର ଶିକ୍ଷା ମନ୍ତ୍ରୀ ବ୍ରତ୍ୟ ବସୁ ଏହି ଅବସରରେ ଆୟୋଜିତ ସଭାରେ ଅତିଥିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣରେ ସେ କହିଥିଲେ ଯେ ଦୀର୍ଘ ଦିନରୁ ପାଠକମାନେ କୋଲକାତା କାର୍ଯ୍ୟାଳୟ ପରିସରରେ ଏକ ପୁସ୍ତକ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା ହେଉ ବୋଲି ଦାବି କରୁଥିଲେ। ତାହା ଆଜି ସାକାର ହୋଇଛି। ଏହା ଦ୍ୱାରା ପାଠକ ପାଠିକା ଏବଂ ଗବେଷକ ଗବେଷିକାମାନେ ଉପକୃତ ହେବେ। ଅକାଡେମି ଦ୍ୱାରା ପ୍ରକାଶିତ ୨୪ ଭାଷାର ପୁସ୍ତକ ଏଠାରେ ଉପଲବ୍ଧ ହେବ ପୁଣି ପ୍ରେକ୍ଷାଳୟର ନବୀକରଣ କରାଯାଇଥିବାରୁ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନରେ ଏହା ସହାୟକ ହେବ ବୋଲି ସେ ସୂଚନା ଦେଇଥିଲେ। ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ମାଧବ କୌଶିକ ନିଜ ବକ୍ତବ୍ୟରେ କହିଥିଲେ ଯେ ପୁସ୍ତକ ବିକ୍ରୟ କେନ୍ଦ୍ର ହେଉଛି ।ଏକ ବୌଦ୍ଧିକ ସମ୍ପତ୍ତି କୋଲକାତା ହେଉଛି ସାହିତ୍ୟ ଓ ସଂସ୍କୃତିର ପୀଠ ଏଠିକାର ସାରସ୍ୱତ ଧାରା ତଥା ସମଗ୍ର ପୂର୍ବାଞ୍ଚଳର ସାହିତ୍ୟକୁ ଆଗେଇ ନେବାରେ ଏହି ପୁସ୍ତକ ବିକ୍ରୟ କେନ୍ଦ୍ର ଏବଂ ନବୀକୃତ ପ୍ରେକ୍ଷାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏକାଡେମୀର ବଙ୍ଗଳା ଉପଦେଷ୍ଟା ମଣ୍ଡଳୀର ଆବାହକ ଶ୍ରୀ ବସୁ କହିଥିଲେ ଯେ ପଶ୍ଚିମବଙ୍ଗ ସବୁବେଳେ ବହୁଭାଷୀ ପରମ୍ପରାକୁ ସ୍ୱୀକାର କରିଆସେ। ଏହି ପୁସ୍ତକ କେନ୍ଦ୍ର ବଙ୍ଗଳା ସହିତ ଦେଶର ପୂର୍ବାଞ୍ଚଳର ବିଭିନ୍ନ ଭାଷାର ପୁସ୍ତକ ପହଞ୍ଚାଇବାର କାର୍ଯ୍ୟ କରିବ ବିଗତ ତିନି ବର୍ଷ ମଧ୍ୟରେ ଏକାଡେମୀ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଆୟୋଜନ ଏବଂ ଅନେକ ମୂଲ୍ୟବାନ ପୁସ୍ତକ ପ୍ରକାଶନ ହୋଇଥିବାର ସେ ସୂଚନା ଦେଇଥିଲେ କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ସୁବୋଧ ସରକାର ପୁସ୍ତକ କେନ୍ଦ୍ର ଓ ନବୀକୃତ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଏକାଡେମୀକୁ ଧନ୍ୟବାଦ ଜଣାଇଥିଲେ କାର୍ଯ୍ୟକ୍ରମ ପରିକଳ୍ପନା କରିଥିଲେ ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଏହାପରେ ଏକ ସ୍ୱତନ୍ତ୍ର କବିତା ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ସୁବୋଧ ସରକାର ସ୍ୱରଚିତ କବିତା ପାଠ କରିଥିଲେ ।କବି ଅର୍ଣ୍ଣବ ସାହା, ବିଭାସ ରାୟ ଚୌଧୁରୀ, ଚୈତାଳି ଚଟ୍ଟୋପାଧ୍ୟାୟ, ନିର୍ମାଲ୍ୟ ମୁଖୋପାଧ୍ୟାୟ ଏବଂ ଶିବାଶିଷ ମୁଖୋପାଧ୍ୟାୟ ପଠିତ କବିତାଗୁଡ଼ିକରେ ସମକାଳର ବିବିଧ ଚିତ୍ର, ଘଟଣା, ମାନବିକ ମୂଲ୍ୟବୋଧ, ସମାଜର ବୈଚିତ୍ର୍ୟ ସୂଚିତ ହୋଇଥିଲା । ଶେଷରେ ମାଧବ କୌଶିକଙ୍କ ଗଜଲ ଏବଂ ସୁବୋଧ ସରକାରଙ୍କ କବିତା ଶ୍ରୋତାଙ୍କୁ ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ କବିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଲେଖକ ଲେଖିକା ଯୋଗ ଦେଇଥିଲେ।